# Akashvani, Sambalpur

## SAMBALPURI NEWS BULLETIN

### 7 December 2025 – 6.47- 6.52 am.

**********************************************

ତାରିଣୀ ପୀଠ - ମୁଖ୍ୟମନ୍ତ୍ରୀ          I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ କେନ୍ଦୁଝର୍ ଘଟଗାଁ ମା ତାରିଣୀ ପୀଠ ସମନ୍ୱିତ ବିକାଶ୍ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍ନା କର୍ବେ । ୬୦ ଏକର୍ ଜମିଥି ତିଆର୍ ହଉଥିବା ଇ ପ୍ରକଳ୍ପମାନ୍କର୍ ଲାଗି ୩ ଶହ ୧୨ କୋଟିନୁ ଅଏତ୍କା ଟଙ୍କା ଖର୍ଚ୍ଚା ହେବା । ଇଥି  ୨ ଶହ ୧୬ ଶଯ୍ୟାର୍ ଯାତ୍ରୀନିବାସ୍, ୫ ଶହ ଲୁକ୍କର୍ ଲାଗି ପ୍ରସାଦ୍ ସେବନ୍ ବ୍ୟବସ୍ଥା ରହିଛେ । ସେନ୍ତା ନଡ଼ିଆ ଗୁଦାମ୍ ସହେତେ ମା ତାରିଣୀ ମନ୍ଦିର୍ ବାବଦ୍ ବ୍ୟାଖ୍ୟାନ୍ କେନ୍ଦ୍ର ଲାଗି ଅତ୍ୟାଧୁନିକ୍ ବ୍ୟବସ୍ଥା କରାଯିବା ।

ଖାଦ୍ୟଯୋଗାଣ ମନ୍ତ୍ରୀ-ବିଧାନ୍ସଭା       ଆର୍ଏନ୍ୟୁ/ ସମ୍ବଲପୁର

ଇ ବଛର୍ ରାଏଜେ ଯଦି ଧାନ୍ ଅଗ୍ଲିବା ତାହାକେ ନିଲାମ୍ କରାଯିବା ବଲି ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଲାକାଏଲ୍ ବିଧାନ୍ସଭା ନ ବିଭାଗ୍ର ଅତିରିକ୍ତ ଖର୍ଚ୍ଚା ଦାବି ଉପସ୍ଥାପନ୍

କରିକରି କହିଛନ୍ । ମନ୍ତ୍ରୀ ଆହୁରି କହିଛନ୍, ମିଲର୍ମାନେ ଚାଉଲ୍ ରପ୍ତାନୀ କରିପାର୍ବେ । ଇ ବଛର୍ ମିଲର୍ମାନ୍କୁ ପରିବହନ୍ ଦାୟିତ୍ୱ ନାଇଁ ଦିଆଯାଏ ବଲି ମନ୍ତ୍ରୀ କହିଛନ୍ । ଇତାର୍ଛଡ଼ା ଇ-କେଓ୍ୱାଇସି ହେବାର୍ନୁ ୬ ଲାଖ୍ ୯୩ ହଜାର୍ ୯ ଶହ ୯୫ ଝନ୍ ମଲା ଲୋକ୍ ଥିବା ଜନାପଡ଼ିଥିଲା ।

## ମନୋଜ୍ ଆହୁଜା-ବିମାନ୍ ଚଲାଚଲ ସମୀକ୍ଷା I&PR

ଭୁବ୍ନେଶ୍ୱର୍ ଖାରବେଳ ଭବନ୍ ସମ୍ମିଲନୀ କକ୍ଷ ନ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ବିମାନ୍ ଚଲାଚଲ୍ ଉଚ୍ଚକ୍ଷମତା ସମ୍ପନ୍ନ କମିଟିର୍ ୪ ନମ୍ବର୍ ବୈଠକ୍ ହେଇଯାଇଛେ । ବୈଠକ୍ଥି ବିକଶିତ୍ ଓଡ଼ିଶାର ଦୃଷ୍ଟିକୋଣ ସହେତେ ଓଡ଼ିଶାର୍ ବିମାନ୍ ଚଲାଚଲ୍ ଇକୋ ସିଷ୍ଟମ୍କେ ଆଗ୍କେ ନେବାର୍ ଉପ୍ରେ ଆଲୋଚନା କରାଯାଇଥିଲା । ଢେଙ୍କାନାଲ୍ ନ ବିମାନ୍ ଚଲାଚଲ୍ କେନ୍ଦ୍ରକେ କାର୍ଯ୍ୟକ୍ଷମ୍ କରାଯିବାର୍ ବାବ୍ଦେ ସମୀକ୍ଷା କରାଯାଇଥିଲା । ଇତାର୍ ସହେତେ ପୁରୀ ନ ପ୍ରସ୍ତାବିତ୍ ଗ୍ରୀନ୍ ଫିଲ୍ଡ ଅନ୍ତର୍ଜାତୀୟ ବିମାନ୍ ବନ୍ଦର୍ ସହେତେ ବିମାନ୍ ବନ୍ଦର୍ ଆଉ ବିମାନ୍ ଘାଟିର୍ ବିକାଶ୍ ଆଉ ଅଗ୍ରଗତି ବାବ୍ଦେ ସମୀକ୍ଷା କରାଯାଇଥିଲା ।

ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ୍ ନିଯୁକ୍ତ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ୩ ଶହ ୧୪ ଟା ଓଡ଼ିଶା ଆଦର୍ଶ ବିଦ୍ୟାଲୟ ନ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ୍ ନିଯୁକ୍ତ ହେବେ । ଇତାର୍‌ସହେତେ ବିଦ୍ୟାଲୟମାନ୍‌କେ ଗ୍ରନ୍ଥଗାରିକ ପଦ୍‌ବୀଥି ଭିଲ୍ ନିଯୁକ୍ତି ଦିଆଯିବା । ଇସବୁ ପଦ୍‌ବୀ ଲାଗି ରାଜ୍ୟପାଲ୍ ଅନୁମୋଦନ୍ ଦେଉଛନ୍ । ଇତାକେ ନେଇକରି ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ପ୍ରମୁଖ ମହାଲେଖାକାର୍‌ଙ୍କୁ ଚିଠି କରାଯାଇଛେ ।

ନୂଆଁ ପାଠ୍ୟପୁସ୍ତକ୍          I&PR

ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ୫ ଆଉ ୮ ଶ୍ରେଣୀ ଲାଗି ନୂଆଁକରି ବିକଶିତ୍ ହେଇଥିବା ୧୭ ଟା ପଢ଼ା ବହିର୍ ସମୀକ୍ଷା ଆଉ ଅନୁମୋଦନ୍ ହେଇଛେ । ବିଭାଗୀୟ କମିଶନର୍ ଏନ୍. ତିରୁମାଲା ନାଏକ୍‌ଙ୍କର୍ ଅଧକ୍ଷତାଥି ପାଠ୍ୟକ୍ରମ୍ ଆଉ ପାଠ୍ୟପୁସ୍ତକ ବିକାଶ୍ ବାବଦ୍ ୪ ନମ୍ବର୍ କୋର୍ କମିଟି ବୈଠକ୍‌ଥି ଇଟା ଅନୁମୋଦନ୍ ହେଇଛେ । ଦେଶେ ପହେଲାଥର୍ ଲାଗି ଜାତୀୟ ଶିକ୍ଷାନୀତି ୨୦୨୦ ଅଧୀନ୍‌ଥି ରାଜ୍ୟର୍ ୫୫ ଟା ନୂଆଁ ଏନ୍‌ସିଇଆର୍‌ଟି - ବହିକେ ଅନୁବାଦ୍ କରିଛେ ।

ଗଲା ଗୁରୁଦିବସ୍‌ଥି ମୁଖ୍ୟମନ୍ତ୍ରୀ ରାଜ୍ୟ ପାଠ୍ୟକ୍ରମ୍ ୨୦୨୫କେ ଉଦ୍‌ଘାଟନ୍ କରିଥିଲେ ।

ସଶସ୍ତ୍ର ବାହିନୀ ପତାକା ଦିବସ       ଆର୍‌ଏନ୍‌ୟୁ / ସମ୍ବଲପୁର

ମା ମାଟିର୍ ସେବା ସଙ୍ଗେ ଦେଶର୍ ସୁରକ୍ଷାର୍ ଲାଗି ଜୀବନ୍ ଦଉଥିବା ସଶସ୍ତ୍ର ବାହିନୀର୍ ଜବାନ୍ ଆର୍ ଅବସର ନେଇଥିବା ଜବାନ୍‌ମାନ୍‌କୁ କୃତଜ୍ଞତା ଜନାବାର୍ ଲାଗି ୧୯୪୯ ମସିହାନୁ ଆଝିର୍ ଦିନ୍‌କେ ଦେଶେ ସଶସ୍ତ୍ର ବାହିନୀ ପତାକା ଦିବସ୍ ଭାବେ ପାଳନ୍ କରାଯାଇଆସୁଛେ । ଯୁଦ୍ଧଥି ଜୀବନ୍ ଦେଇଥିବା ଯବାନ୍ ମାନ୍‌କର୍ ଥଇଥାନ୍, ସେବାରତ ଜବାନ୍ ଆର୍ ସେମାନ୍‌କର୍ ପରିବାର୍ ଲୁକ୍‌କର୍ କଲ୍ୟାଣ୍ ଆର୍ ଆଘର୍ ସୈନିକ୍ ଆର୍ ସେମାନ୍‌କର୍ ପରିବାର୍ ଥଇଥାନ୍ ଲାଗି ପାଣ୍ଠି ଠୁଳାବାର୍‌କେ ଇ ଦିବସ୍ ପାଳନ୍ କରାଯାଏସି । ଇ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସଶସ୍ତ୍ର ବାହିନୀଥି ସେବା ଦଉଥିବା ଆର୍ ସେବାନୁ ଅବସର୍ ନେଇଥିବା ସୈନିକ୍ ଆର୍ ସେମାନ୍‌କର୍ ପରିବାର୍ ଲୁକ୍‌କୁ ଶୁଭେଚ୍ଛା ଜନେଇଛନ୍ । ଇତାର୍‌ସଙ୍ଗେ ସଶସ୍ତ୍ର ସେନା ପତାକା ଦିବସ୍ ପାଣ୍ଠିକେ ଖୁଲାହାତେ ଦାନ୍ କର୍‌ବାର୍‌କେ ରାଜ୍ୟପାଲ୍ ଆର୍ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ୍ କରିଛନ୍ ।

ଗୃହରକ୍ଷୀ ପ୍ରତିଷ୍ଠା ବାହିନୀ ଦିବସ    ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ପୁଲିସ୍ ତର୍‌ଫୁ ଗୃହରକ୍ଷୀ ପ୍ରତିଷ୍ଠା ବାହିନୀ ଦିବସ୍ ପାଲିତ୍ ହେଇଯାଇଛେ । ରିଜର୍ଭ ପୁଲିସ୍ ପଡ଼ିଆ ନ ହେଇଥିବା ପରେଡ୍‌ଥି ଉତରାଂଚଲ୍ ପୁଲିସ୍ ମହାନିରୀକ୍ଷକ୍ ହିମାଂଶୁ ଲାଲ୍ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଆରକ୍ଷୀ ଅଧିକ୍ଷକ୍ ମୁକେଶ୍ ଭାମୁ ଆଉ ପୁଲିସ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ । କାର୍ଯ୍ୟକ୍ରମ୍‌ଥି ଭଲ୍ ପ୍ରଦର୍ଶନ୍ କରିଥିବା ୫ ଝନ୍ ହୋମ୍‌ଗାର୍ଡ଼୍‌ଙ୍କୁ ସମ୍ମାନିତ୍ କରାଯାଇଥିଲା ।

କଳିଙ୍ଗା ଘାଟି -ସତର୍କ ଘଂଟି          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଶୀତ୍ ଦିନେ ଘାଟିମାନ୍‌କେ ଦୁର୍ଘଟଣାକେ କମ୍ କର୍‌ବାର୍ ଲାଗି ରାଜ୍ୟ ପରିବହନ୍ ପ୍ରାଧିକରଣ୍ ତର୍‌ଫୁ କନ୍ଧମାଲ୍ ଜିଲ୍ଲା କଳିଙ୍ଗା ଘାଟି ନ ପରୀକ୍ଷାମୂଳକ୍ ଭାବେ ସତର୍କ ଘଂଟି ଲଗାଯାଇଛେ । ଆଇଆଇଟି ଭୁବ୍‌ନେଶ୍ୱର୍ ସହଯୋଗ୍‌ଥି ଘାଟିର୍ ଦୁହି ପାଶେ ସାଇରନ୍ ଲଗାଯାଇଛେ ।

ଟ୍ୱି-ଟ୍ୱେଂଟି ମେଚ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ମଙ୍ଗଲ୍‌ବାର୍ ଦିନ କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ନ ଭାରତ୍-ଦକ୍ଷିଣ ଆଫ୍ରିକା ଭିତ୍‌ରେ ପହେଲା ଟ୍ୱି-ଟ୍ୱେଂଟି ମେଚ୍ ଖେଲାଯିବା । ଇଥିର୍‌ଲାଗି ଗଲାକାଏଲ୍ ପୁଲିସ୍ ମହାନିର୍ଦ୍ଦେଶକ୍ ଓ୍ୱାଇ.ବି ଖୁରାନିଆ ଷ୍ଟାଡ଼ିୟମ୍ ନ ସୁରକ୍ଷା ବ୍ୟବସ୍ଥାର୍ ଯାଂଚ୍ କରିଛନ୍ । ୩ ଥାକିଆ ସୁରକ୍ଷା ବ୍ୟବସ୍ଥା ଭିତ୍‌ରେ ଷ୍ଟାଡ଼ିୟମ୍ ନ ମେଚ୍ ପରିଚାଳନା କରାଯିବା ।

ସବ୍‌ଜୁନିଅର୍ ବେଡ଼ମିଂଟନ୍ ଚାମ୍ପିଅନ୍‌ସିପ  ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ହେଇଥିବା ୩୭ ନମ୍ବର୍ ଜାତୀୟ ସବ୍‌ଜୁନିଅର୍ ବେଡ଼ମିଂଟନ୍ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ୍ ହେଇଯାଇଛେ । ଶେଷ୍ ଦିନେ ଖେଲାଯାଇଥିବା ୧୫ ଆଉ ୧୭ ବଛର୍‌ନୁ କମ୍ ଦୁହି ବର୍ଗଥି ଓଡ଼ିଆ ଖେଲାଲି ତନ୍‌ଭି ପତ୍ରୀ ଜିତିଛନ୍ ।

ସଡ଼କ ସାଇକ୍ଲିଂ ଚମ୍ପିଆନ୍‌ସିପ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ନ ଇ ମାସ ୨ ତାରିଖ୍‌ନୁ ମୁଲ୍ ହେଇଥିବା ଜାତୀୟ ସଡ଼କ୍ ସାଇକ୍ଲିଂ ଚାମ୍ପିଅନ୍‌ସିପ୍ -୨୦୨୫ ଉଦ୍‌ଯାପିତ୍ ହେଇଯାଇଛେ । ଚାମ୍ପିଅନ୍‌ସିପ୍‌ର ଶେଷ୍ ଦିନେ ଗଲାକାଏଲ୍ ଉପର୍‌ବେଲା ହେଇଥିବା

ଉଦ୍ଯାପନୀ ସମାରୋହରେ ବିଜେତା ଦଲ୍ ଆଉ ଖେଲାଲିମାନ୍‌କୁ ଅତିଥିମାନେ ପୁରସ୍କୃତ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଚାମ୍ପିଆନ୍‌ସିପ୍‌ଥି ରାଜସ୍ଥାନ୍ ୯ ଟା ସ୍ୱର୍ଣ୍ଣ, ୯ ଟା ରୌପ୍ୟ ଆଉ ୩ ଟା କାଂସ୍ୟ ପଦକ୍ ହାସଲ୍ କରିକରି ପହେଲାଠାନ୍‌ଥି ରହିଛେ । ଓଡ଼ିଶା ଦଲ୍ ୨ ଟା ରୌପ୍ୟ ଆଉ ଗୁଟେ କାଂସ୍ୟ ପଦକ୍ ହାସଲ୍ କରିଛେ ।